بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୯ ଜୁନ୍ ୨୦୨୩ ଇଦୁଲ୍ ଅଜ୍‌ହା ଖୁତ୍‌ବାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ବଳିଦାନ ଦେବାର ମୂଳ ଉଦ୍ଦେଶ୍ୟ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ପ୍ରୀତିଭାଜନ ଏବଂ ଧର୍ମପରାୟଣତା ଲାଭ କରିବା ଅଟେ । ଯାହାକି ଆମକୁ ପ୍ରତ୍ୟେକ ପ୍ରକାରର ବଳିଦାନ କରିବାରେ ସହାୟ ହୋଇଥାଏ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ଲଇଁ ୟନାଲଲ୍ଲାହା ଲୁହୁମୁହା ଓଲାଦିମାଉହା ଓଲାକିଇଁ ୟନାଲୁହୁତ୍ ତକ୍‌ଓ୍ୱା ମିନ୍‌କୁମ୍ କଜାଲିକା ସଖ୍‌ଖରହା ଲକୁମ୍ ଲିତୁକବ୍ ବିରୁଲ୍ଲାହା ଅଲା ମା ହଦାକୁମ୍ ଓ୍ୱବଶ୍ ଶିରିଲ୍ ମୁହ୍‌ସିନିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ପାଠ କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରାଃ ହଜ୍‌ର ଆୟତ ସଂଖ୍ୟା ୩୮ର ଆବୃତ୍ତି କରି ଅନୁବାଦ ଉପସ୍ଥାପନ କଲେ, ସେମାନଙ୍କର ମାଂସ ଓ ରକ୍ତ କଦାପି ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚେ ନାହିଁ । କିନ୍ତୁ ତୁମମାନଙ୍କ ଆନ୍ତରିକ ଧର୍ମନିଷ୍ଠତା ତାହାଙ୍କ ନିକଟରେ ପହଞ୍ଚେ । ବସ୍ତୁତଃ ଏହିପରି ଭାବେ ଅଲ୍ଲାଃ ସେମାନଙ୍କୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି । ଯାହା ଫଳରେ କି ତୁମେମାନେ ଅଲ୍ଲାଃଙ୍କର ମହିମାଗାନ କରିବ । କାରଣ ସେ ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିଛନ୍ତି ଏବଂ ପୁଣ୍ୟବାନମାନଙ୍କୁ ତୁମେ ସୁସମାଚାର ପ୍ରଦାନ କର ।

ଆଜି ଆମେ ଇଦୁଲ୍ ଅଜ୍‌ହା ପାଳନ କରୁଅଛେ, ଏହାକୁ ବଳିଦାନର ପର୍ବ ମଧ୍ୟ କହନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଅହେମଦିମାନେ ତ ବଳିଦାନ କରିବାରେ ଅଭ୍ୟସ୍ତ । ବରଂ ଏହି ଯୁଗରେ ନିଃସ୍ୱାର୍ଥପର ଭାବରେ ଅଲ୍ଲାଃତାଲାଙ୍କ ସକାଶେ ନିଜ ଜୀବନ ଉତ୍ସର୍ଗ କରିବାର ମହତ ଯେଭଳି ଅହେମଦିମାନଙ୍କୁ ଜ୍ଞାତ ତାହା ସମ୍ଭବତଃ ଅନ୍ୟ କାହାରିକୁ ଜଣା ନଥିବ । ଏଥିପାଇଁ ଅଲ୍ଲାଃଙ୍କ ଆଦେଶ ପାଳନ କରି ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ସୁନ୍ନତ ଅନ୍ତର୍ଗତ ଛେଳି, ମେଣ୍ଢା, ଗାଈଗୋରୁଙ୍କର ବଳି ଦେବା (ଖର୍ଚ୍ଚ କରିବା)ରେ ଅହେମଦିମାନଙ୍କ ସକାଶେ ଏକ ଏପରି ଆନନ୍ଦର ବିଷୟ ଯାହାର କେହି ପରିକଳ୍ପନା ମଧ୍ୟ କରିପାରିବେ ନାହିଁ । ଆଉ ଯେଉଁମାନେ ପଶୁବଳି ଦେଇପାରି ନଥାନ୍ତି ତାଙ୍କ ହୃଦୟର ଅବସ୍ଥା (ବେଦନା) ତ କେହିହେଲେ ବୁଝି ହିଁ ପାରିବେ ନାହିଁ । ତେବେ ସେ ଯାହା ହେଉ ଏହି ଦିନରେ ଅହେମଦିମାନେ ଯେଉଁସ୍ଥଳେ ନିଃସଂକୋଚ ଭାବରେ ନିଜ ଅଭିଳାଷର ବଳିଦାନ ଦେଉଛନ୍ତି ସେହିସ୍ଥଳେ ତାହାକୁ ଅଲ୍ଲାଃତାଲାଙ୍କ ସମକ୍ଷ ଆକୁଳ ଦୁଆ (ପ୍ରାର୍ଥନା) କରିବାରେ ଢ଼ାଳିବାକୁ ଚେଷ୍ଟା କରନ୍ତୁ । କାରଣ ନିଜ ଆଶା ଆକାଂକ୍ଷାର ତ୍ୟାଗ କରିବା ମଧ୍ୟ କୌଣସି ସାଧାରଣ କଥା ନୁହେଁ । ମନେରଖ ଦୁଆରେ ବହୁତ ଶକ୍ତି ରହିଛି । ହଜରତ ହାଜ୍‌ରା ଓ ହଜରତ ଇବ୍ରାହିମ୍ [ଅ.ସ]ଙ୍କର ଦୁଆ, ଆତୁର ଓ ଅଧିର ହୋଇ ଗୁହାରୀ କରିବା ତଥା ପ୍ରଭୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖିବା ହିଁ ଥିଲା ଯାହାକି ଜରାଜିର୍ଣ୍ଣ ମରୁଭୂମିରେ ଝରଣା ପ୍ରବାହିତ କେରିଦେଲା । **ଆଉ ଏକ ସହର ବସାଇ ଦେଇଥିଲା ଏବଂ ଖାଲି ସେତିକି ନୁହେଁ ତାହା ଇସଲାମ ଧର୍ମର କେନ୍ଦ୍ରସ୍ଥଳୀ ପାଲଟିଗଲା ।** ସୁତରାଂ ଆମର ଏହା ଦାୟିତ୍ୱ କି ଆମେ ଏହି ବଳିଦାନର ପର୍ବରୁ ଶିକ୍ଷା ହାସଲ କରିବା ଯେ, ଆମେ କେବଳ ପଶୁବଳୀ ଦେବାରେ ସୀମିତ ରହିଯିବା ନାହିଁ । ବରଂ ବଳି ଦେବାରେ ମୂଳ ଉଦ୍ଦେଶ୍ୟ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ପ୍ରୀତିଭାଜନ ଲାଭ କରିବା ଏବଂ ଧର୍ମପରାୟଣ ହେବା ଅଟେ । ଯାହାକି ଆମକୁ ପ୍ରତ୍ୟେକ ପ୍ରକାରର ବଳିଦାନ କରିବାରେ ସହାୟ ହୋଇଥାଏ ।

ହଜରତ ଇବ୍ରାହିମ୍[ଅ.ସ] ଯେତେବେଳେ ନିଜେ ଦେଖିଥିବା ସ୍ୱପ୍ନ ସଂକ୍ରାନ୍ତରେ ନିଜ ପୁତ୍ରକୁ କହିଲେ, କି ମୁଁ ତୁମକୁ ଜବାଃ (ବଳି) କରୁଥିବାର ଦେଖିଲି । ଏବେ ତୁମେ କୁହ ଏହି ପ୍ରସଙ୍ଗରେ ତୁମର ମତ କ'ଣ ? ସେତେବେଳେ ପ୍ରଭୁଙ୍କର

ପ୍ରୀତିଭାଜନ ଲାଭ କରିବାର ଅଭିଳାଷୀ ସେହି ବାଳକ ଉତ୍ତର ଦେଲା କି ହେ ମୋର ପିତା ! **ତୁମେ ତାହା ହିଁ କର ଯାହା କରିବାକୁ ଆପଣଙ୍କୁ ଆଦେଶ ଦିଆଯାଇଛି ।** ସେଥିଅନ୍ତେ ସେ ନିଜ ଗଳା ଛୁରି ଆଗକୁ କରିଦେଲେ । ପରମେଶ୍ୱର ପିତା ପୁତ୍ରର ଏହି ଅପୂର୍ବ ବଳିଦାନକୁ ପ୍ରୋତ୍ସାହିତ କରି ପିତାକୁ ନିଜ ଏକଇର ବିଶିକେଶନକୁ ବଳି ଦେବାରୁ ଅଟକାଇ ଦେଲେ ଏବଂ ତାହା ପ୍ରତିବଦଳରେ ଏକ ପଶୁବଳି ଦେବାକୁ ଆଦେଶ ଦେଲେ । ତେବେ (ଉତ୍ସର୍ଗ ପୂର୍ଣ୍ଣତାର) ଏହି ଭାବ ପ୍ରଭୁଙ୍କର ପ୍ରୀତିଭାଜନ ଲାଭ କରିବାର ପ୍ରତ୍ୟକ୍ଷ (ବାସ୍ତବିକ) ଉଦାହରଣ । ଯାହାକୁ ଅଲ୍ଲାଃତାଲା ସ୍ୱୀକାର କରି ତାହାକୁ ଇସଲାମୀୟ ନୀତିଶିକ୍ଷାର ଭିତ୍ତି ଓ ଉପାସନାରେ ଅନ୍ତର୍ଭୁକ୍ତ କରିଦେଲେ ଏବଂ ଜଣେ ମନୁଷ୍ୟର ଅମୂଲ୍ୟ ଜୀବନ ପ୍ରତିବଦଳରେ ଏକ ପଶୁବଳି ଦେବା କେବଳ ଏକ ପ୍ରକାଶ୍ୟ ପରିପ୍ରକାଶ ପାଇଁ ରଖାଯାଇ ନାହିଁ । ବରଂ ମୁସଲମାନମାନେ ଯେତେବେଳେ ହଜ୍ (ତୀର୍ଥ ଯାତ୍ରା) କରିବା ଅବସ୍ଥାରେ ଅଥବା ଇଦ୍ ପାଳନ କରିବା ସମୟରେ ପଶୁବଳି ଦେବାର ଆଦେଶ ଦେବା ସହିତ ଏକଥା ସ୍ପଷ୍ଟ କରି ଦେଲେ ଯେ, ତୁମ ବଳିଦାନ ସେତେବେଳେ ସ୍ୱୀକୃତ ହୋଇଥାଏ ଯେତେବେଳେ ତୁମେ ଧର୍ମନିଷ୍ଠତା ପ୍ରତି ଆନତ ହେବ ଏବଂ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦନ କରିବ ।

ସୁତରାଂ ଏହାର ସ୍ପଷ୍ଟିକରଣ ଅଲ୍ଲାଃତାଲା ଉକ୍ତ ଆୟତରେ କରିଦେଇଛନ୍ତି ଯାହାକି ମୁଁ ଉପରେ ପାଠ କରି ଆସିଲି । ଏହି ବଳିଦାନର ଦାର୍ଶନିକ ଦିଗ ଓ ଉଦ୍ଦେଶ୍ୟ ପ୍ରସଙ୍ଗରେ ହଜରତ ମସିହ ମଉଦ[ଅ.ସ] ଉକ୍ତ ଆୟତ ଆଲୋକରେ ବର୍ଣ୍ଣନା କରନ୍ତି; ଅଲ୍ଲାଃତାଲା ଇସଲାମୀୟ ଧର୍ମବିଧାନ (ଶରିୟତ୍)ରେ ଅନେକ ଜରୁରୀ ଆଦେଶ ନିମନ୍ତେ ଉଦାହରଣ ଦେଇଛନ୍ତି । ଅତଃ ମନୁଷ୍ୟକୁ ଏହି ଆଦେଶ ଦିଆଯାଇଛି କି ସେ ନିଜର ସମସ୍ତ ଶକ୍ତି ବିନିଯୋଗ କରି ପ୍ରଭୁଙ୍କ ମାର୍ଗରେ ନିଜକୁ ଉତ୍ସର୍ଗ କରିଦେଉ । ଅତଏବ ପ୍ରକାଶ୍ୟ ବଳିଦାନ ସେହି ଅବସ୍ଥା (ଲାଭ କରିବା) ସକାଶେ ନମୁନା ସ୍ୱରୂପ ଉଦ୍ଦିଷ୍ଟ । କିନ୍ତୁ ଅସଲ ଉଦ୍ଦେଶ୍ୟ ସେହି ବଳିଦାନ କରିବାକୁ ପ୍ରଭୁ ଦର୍ଶାଇଛନ୍ତି । ଅଲ୍ଲାଃତାଲାଙ୍କୁ ତୁମ ପ୍ରଦତ୍ତ ପଶୁବଳିର ମାଂସ ଓ ରକ୍ତ କଦାପି ପହଞ୍ଚି ନଥାଏ କିନ୍ତୁ ହଁ ତୁମ ଆନ୍ତରିକ ଧର୍ମନିଷ୍ଠତା ତାହାଙ୍କ ନିକଟରେ ପହଞ୍ଚି ଥାଏ । ଅର୍ଥାତ ତାଙ୍କୁ ଏତେ ଭୟ କର କି ଯେପରି ତାଙ୍କ ମାର୍ଗରେ ତୁମେ ନିଜକୁ ବିନାଶ କରି ଦେଇଛ । ଯେପରି ତୁମେ ସ୍ୱହସ୍ତରେ ପଶୁବଳି କରିଥାଅ ସେହିପରି ତୁମେ ତାଙ୍କ ମାର୍ଗରେ ବଳି ପଡ଼ିଯାଅ । ଯେପର୍ଯ୍ୟନ୍ତ ଏହି ପ୍ରକାର ଧର୍ମନିଷ୍ଠ ଓ ଈଶ୍ୱରଭୟ ସ୍ଥଳେ ଉପନୀତ ହୋଇ ନାହଁ ତେବେ ତାହା ସେପର୍ଯ୍ୟନ୍ତ ସୁଦ୍ଧା ଅସଂପୂର୍ଣ୍ଣ ରହିଥାଏ ।

ସୁତରାଂ ଏହା ଧର୍ମପରାୟଣର ସଂଜ୍ଞା ଏବଂ ବଳିଦାନ କରିବାର ଏହିପରି ଚିନ୍ତାଧାରା ପୋଷଣ କରିବା ଉଚିତ୍ । **ନଚେତ୍ ପ୍ରକାଶ୍ୟ ବଳିଦାନ କରିବା ତ ଅସାର ଓ ନିରର୍ଥକ ସାବ୍ୟସ୍ତ ହୋଇଥାଏ ।** ଦୁଆ କରୁଥାନ୍ତୁ କି ଅଲ୍ଲାଃତାଲା ଆମମାନଙ୍କୁ ଏହି ଇଦ୍‌ରେ (ପ୍ରକୃତ) ବଳିଦାନ କରିବାର ଶକ୍ତି ପ୍ରଦାନ କରନ୍ତୁ । ଆମମାନଙ୍କ ମଧ୍ୟରେ ଏପରି ଧର୍ମନିଷ୍ଠତା ଉତ୍ପନ୍ନ କରିଦିଅନ୍ତୁ ଯାହାକି ବାସ୍ତବିକ ଧର୍ମନିଷ୍ଠତା ଅଟେ । ଯାହାକି ଆମେ ପ୍ରଭୁଙ୍କ ଠାରୁ ଚାହିଁ ଥାଉ, ଯାହା ହାସଲ କରିବାକୁ ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] ଆମମାନଙ୍କର ଧ୍ୟାନ ଆକର୍ଷିତ କରିଛନ୍ତି । ହୁଜୁର [ସ.ଅ]ଙ୍କର ଯେଉଁ ପବିତ୍ରତା ଓ ଅନନ୍ୟ ସ୍ୱଭାବରେ ପ୍ରଭାବିତ ହୋଇ ସାହାବାମାନେ ତାହାକୁ ଆପଣାଇନେଲେ ଏବଂ ନିଜ ଜୀବନର ନିରବଚ୍ଛିନ୍ନ ଅଂଶବିଶେଷ କରିନେଲେ । ଯାହାଙ୍କର ପ୍ରତିମୁହୂର୍ତ୍ତ ବଳିଦାନ କରିବାରେ ଅତିବାହିତ ହେଲା, ଯାହାଙ୍କ ଜୀବନ ଆମମାନଙ୍କ ସକାଶେ ଅନୁକରଣୀୟ ପାଲଟି ଯାଇଛି । ପୁନଶ୍ଚ ଚଳିତ ଯୁଗରେ ଅଲ୍ଲାଃତାଲା ତାହାର ନୂତନିକରଣ ଯୁଗାବତାର ହଜରତ ମସିହ ମଉଦ [ଅ.ସ]ଙ୍କ ମାଧ୍ୟମରେ କରିଦେଲେ । **ତେବେ ହୁଜୁର[ଅ.ସ] ଆମମାନଙ୍କୁ ଧର୍ମପରାୟଣ ମାର୍ଗରେ ପରିଚାଳିତ ହେବା ନିମନ୍ତେ ବାରମ୍ବାର ତାଗିଦ୍ କରିଛନ୍ତି ।**

ଏହି ପ୍ରସଙ୍ଗ କି ହଜରତ ମୁହମ୍ମଦ[ସ.ଅ] ଆଣିଥିବା ଧର୍ମକୁ ଜଣେ କେତେବେଳେ (ସଠିକ୍ ରୂପେ) ବୁଝିପାରିବ, ଏହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ[ଅ.ସ] କୁହନ୍ତି; କେହି ପବିତ୍ର ହୋଇପାରିବେ ନାହିଁ ଯେପର୍ଯ୍ୟନ୍ତ ପରମେଶ୍ୱର ଜଣକୁ (ପବିତ୍ର) କରି ନଦିଅନ୍ତି । ଯେତେବେଳେ ପ୍ରଭୁଙ୍କ ଦ୍ୱାରରେ ବିନମ୍ର ଓ ଭଦ୍ରତାର ସହିତ ତାହାର ଆତ୍ମା ଆନତ ହୋଇଯିବ ତେବେ ତାହାର ଦୁଆ ସ୍ୱୀକାର କରାଯିବ ଏବଂ ସେ ଧର୍ମନିଷ୍ଠ ହେବ ତଥା ସେତେବେଳେ ଯାଇ ସେ ଇସଲାମ ଧର୍ମକୁ ବୁଝିବାକୁ ସକ୍ଷମ ହେବ । ତାହା ବ୍ୟତୀତ ତାହାର ଧର୍ମ ଧର୍ମ ଜପିବା ଏବଂ ଉପାସନା ସମ୍ପାଦନ କରିବାର ରଟନା କରିବା ତାହା ମାତ୍ର ମନୁଷ୍ୟର ଔପଚାରିକତା ଓ ନିଜ ମନକୁ ବୁଝାଇବା କଥା । ଯାହାକି ନିଜ ପୂର୍ବଜମାନଙ୍କ ରୀତିପରମ୍ପରାର ଅନୁକରଣ କରିବା ଛଡ଼ା ଅନ୍ୟ କିଛି ନୁହେଁ । ପ୍ରଭୁଙ୍କ ଶରଣରେ ବିନମ୍ର ଓ ଶାଳିନତାର ସହିତ ଆତ୍ମାର

ଆନତ ହୋଇଯିବା ହିଁ ଥିଲା ଯାହାକି ହଜରତ ଇବ୍ରାହିମ୍, ହଜରତ ଇସମାଇଲ୍ ଓ ହଜରତ ହାଜ୍‌ରା [ର.ଅ]ଙ୍କୁ ସାମୀପ୍ୟତାର ସେହି ସ୍ତର ପ୍ରଦାନ କଲେ କି ତାଙ୍କ ଦୁଆ ଗ୍ରହଣୀୟ ହେବାର ଦୃଶ୍ୟ ଆମେମାନେ ଏଯାବତ୍ ଲକ୍ଷ କରୁଅଛେ । ତାଙ୍କ ଦୁଆ ଗ୍ରହଣ ହେବାର ପରିଣାମ ହିଁ ଥିଲା ଫଳତଃ ତାଙ୍କରି ବଂଶରେ ସେହି ଶ୍ରେଷ୍ଠ ଓ ଆଦର୍ଶ ପୁରୁଷ ଜନ୍ମ ଲାଭ କଲେ, ଯାହାଙ୍କ ସହିତ ସମ୍ମିଳିତ ହେବା ଓ ତାଙ୍କ ଆନୁଗତ୍ୟ ସ୍ୱୀକାର କଲେ ପ୍ରଭୁଙ୍କ ସାନିଧ୍ୟ ଲାଭ ହୁଏ ଏବଂ ଦୁଆ ସ୍ୱୀକାର ହୋଇଥାଏ । ଯଦି ଆମେ ବାସ୍ତବରେ ଯୁଗାବତାର ହଜରତ ମସିହ ମଉଦ [ଅ.ସ]ଙ୍କୁ ସ୍ୱୀକାର କରିଛେ ତେବେ ଆମର (ଏହା) ପରମ କର୍ତ୍ତବ୍ୟ ଯେ, ଆମେ ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହୋଇ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଧର୍ମର ଗହରତ୍ୱକୁ ବୁଝିବା ତା'ପରେ ଦେଖିବେ ଅଲ୍ଲାଃତାଲା ଆମମାନଙ୍କ ଦୁଆ କିପରି ସ୍ୱୀକାର କରିବେ । ପୁନଶ୍ଚ ହଜରତ ମସିହ ମଉଦ[ଅ.ସ] ବଳିଦାନର ଗୂଢ଼ତତ୍ତ୍ୱ ଓ ଧର୍ମନିଷ୍ଠତାର ବାସ୍ତବିକତା ବର୍ଣ୍ଣନା କରି ଗୋଟିଏ ସ୍ଥାନରେ କୁହନ୍ତି; ସତ୍ୟବାଦୀ ଲୋକମାନେ ଆତ୍ମା ଓ ଆଧ୍ୟାତ୍ମିକତା ସ୍ତରରେ ପରମେଶ୍ୱରଙ୍କ ଆଡ଼କୁ ଉତ୍‌ଥିତ ହୋଇଥାନ୍ତି । ନା କି ତାଙ୍କର ଏହି ନଶ୍ୱର ଅଙ୍ଗପ୍ରତ୍ୟଙ୍ଗ ଓ କଙ୍କାଳ ପରମେଶ୍ୱରଙ୍କ ସମକ୍ଷ ପହଞ୍ଚିଥାଏ । ସୁତରାଂ ଆପଣ[ଅ.ସ] ପୁନଃ ଏହି ଉପଦେଶ ଦେଲେ କି ନିଜ ଆଚାର ବ୍ୟବହାର ପ୍ରତି ଲକ୍ଷ ରଖ । **ସତ୍‌କର୍ମ ହିଁ ମନୁଷ୍ୟର ସେହି ପୁଞ୍ଜି ଯାହାକି ମନୁଷ୍ୟର ବଳିଦାନକୁ ଗ୍ରହଣ ହେବାର ସ୍ତରରେ ଉପନୀତ କରାଇଥାଏ ।** ଆଉ ସତ୍‌କର୍ମ ଏହିକି ଯେ, ମନୁଷ୍ୟ ପ୍ରଭୁଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଭକ୍ତର ମଧ୍ୟ କର୍ତ୍ତବ୍ୟ ସମ୍ପାଦନ କରୁ ।

ପୁନଶ୍ଚ ହଜରତ ମସିହ ମଉଦ[ଅ.ସ] ଅଧିକ ସ୍ପଷ୍ଟିକରଣ କରି କୁହନ୍ତି; ପ୍ରକୃତିର ନିୟମ ଆଦ୍ୟରୁ ଏହିପରି ଚାଲିଆସିଛି ଅର୍ଥାତ ଧର୍ମନିଷ୍ଠତାର ବାସ୍ତବିକତା ଓ ତାହାର ଫଳ ବ୍ରହ୍ମଜ୍ଞାନ ପ୍ରାପ୍ତି ହେବା ଅନ୍ତେ ହିଁ ଲାଭ ହୋଇଥାଏ । ଭୟ, ପ୍ରେମ ଓ ମର୍ଯ୍ୟାଦାର ମୂଳ ପୂର୍ଣ୍ଣ ବ୍ରହ୍ମଜ୍ଞାନ (ପ୍ରାପ୍ତି) କରିବାରେ ନିହିତ । ସୁତରାଂ ଯାହାକୁ ଏହା ପ୍ରଦାନ କରାଯାଏ ତାହାକୁ ଭୟ ଓ ପ୍ରେମ ମଧ୍ୟ ଲାଭ ହୋଇଯାଏ । ଆଉ ଯାହାକୁ ପ୍ରେମ ଓ ଭୟ ପ୍ରଦାନ କରାଯାଇଥାଏ ତାହାକୁ ସକଳ ପ୍ରକାରର ପାପ ଯାହାକି ଦର୍ପ ଓ ବେଖାତିର ପଣିଆ ଯୋଗୁଁ ଉତ୍ପନ୍ନ ହୋଇଥାଏ, ମୁକ୍ତି ପ୍ରଦାନ କରାଯାଇଥାଏ । କେତେ ଭାଗ୍ୟବାନ ସେହି ବ୍ୟକ୍ତି ଯେ ନିଜ ପାଳନକର୍ତ୍ତାଙ୍କୁ ଲଭି ନେଲା । ତେବେ ଏଠାରେ ପ୍ରଶ୍ନ ଉଠୁଛି କି ଏହା କିପରି ଜ୍ଞାତ ହେବ ଯେ, ଜଣକୁ ବ୍ରହ୍ମଜ୍ଞାନ ପ୍ରାପ୍ତି ହୋଇଗଲା ଏବଂ ପ୍ରଭୁଙ୍କର ପ୍ରେମ ଓ ଭୟ ହୃଦୟରେ ଜାଗ୍ରତ ହୋଇଯାଇଛି ତେବେ ତାହାର ପରିମାପକ ଏହିକି ଯେ, ମନୁଷ୍ୟ ସମସ୍ତ ପ୍ରକାରର ମନ୍ଦ ଓ ପାପକର୍ମରୁ ନିବୃତ ରହିଥାଏ । ଆଉ ଯଦି ମାନବୀୟ ଦୁର୍ବଳତା ବଶତଃ କଦାଚିତ ତ୍ରୁଟି ସାଧିତ ହୋଇଯାଏ ତେବେ ସେହିକ୍ଷଣି କ୍ଷମା ପ୍ରାର୍ଥନା କରି ପ୍ରଭୁଙ୍କ ଆସ୍ଥାନରେ ନତମସ୍ତକ ରହିଥାଏ । ପୁଣ୍ୟବାନ କଦାପି କୌଣସି ଅସତ୍ କାର୍ଯ୍ୟ ବେପରୱା ଠାଣିରେ କରି ନଥାଏ । ବରଂ ପ୍ରତିମୁହୂର୍ତ୍ତରେ ପ୍ରଭୁଙ୍କ ପ୍ରେମ ତାହା ଉପରେ ପ୍ରଭୁତ୍ୱ ବିସ୍ତାର କରି ରହିଥାଏ । ଏହା ହିଁ ପ୍ରକୃତ ବିଶ୍ୱାସ ଓ ଆସ୍ଥା । ସଦାସର୍ବଦା ସେ (ଏହି) ବିଶ୍ୱାସରେ ଅଟଳ ଓ ଅବିଚଳ ରହିଥାଏ କି ପରମାତ୍ମା ମୋ ପ୍ରତି ଲକ୍ଷ ରଖିଛନ୍ତି । ଆଉ ପ୍ରଭୁ ମୋ ହୃଦୟର ଅବସ୍ଥା ମଧ୍ୟ ଜାଣନ୍ତି । ମୋ ଦ୍ୱାରା ଏପରି କୌଣସି କାର୍ଯ୍ୟ ସାଧିତ ହୋଇ ନଯାଉ ଯାହାକି ପ୍ରଭୁ ପସନ୍ଦ କରନ୍ତି ନାହିଁ । ହୁଜୁର[ଅ.ସ] କହିଲେ; ଯେତେବେଳେ ଏପରି ଅବସ୍ଥା ଉତ୍ପନ୍ନ ହୋଇଯିବ ତେବେ ତାହା ହିଁ ବାସ୍ତବିକ ଇସଲାମ ଅର୍ଥାତ ପ୍ରକୃତ ଆସ୍ଥା । ଯେଉଁ ମାର୍ଗରେ ପ୍ରତ୍ୟେକ ପୁଣ୍ୟବାନ ପରିଚାଳିତ ହେବା ଉଚିତ୍ । ଏହା ଇସଲାମର ସେହି ଅବସ୍ଥା ଯାହାର ଛତ୍ରଛାୟା ତଳେ ଜଣେ ନିଜ ଶିର କଟେଇବା ପାଇଁ ପ୍ରସ୍ତୁତ ହୋଇଯାଇଥାଏ ଏବଂ ସକଳ ପ୍ରକାରର ବଳିଦାନ ଦେବାକୁ ଆଗେଇ ଆସିଥାଏ । **ଅର୍ଥାତ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା ହିଁ ତାହାର ମୂଳ ଲକ୍ଷ ପାଲଟିଯାଏ ।** ନିଜର ପ୍ରତ୍ୟେକ ଉଚ୍ଚାରଣ ଓ ଆଚରଣ ପ୍ରଭୁଙ୍କୁ ରାଜି କରିବା ପାଇଁ ସମ୍ପାଦନ କରିଥାଏ । ଯେତେବେଳେ ଏହି ଅବସ୍ଥାରେ ଉପନୀତ ହୋଇଯିବ ତେବେ ତାହା ହିଁ ପ୍ରକୃତ ଇସମାଇଲୀ ବଳିଦାନର ନମୁନା ସିଦ୍ଧ ହେବ । ସୁତରାଂ ଏହି ଇଦ୍ ଆମକୁ ସେହି ପୂର୍ଣ୍ଣ ପ୍ରେମ ଓ ପ୍ରୀତି ସମ୍ପର୍କର ଶିକ୍ଷା ଦେବା ପାଇଁ ଆସିଛି । କେବଳ ପଶୁବଳି ଦେଇ ତାହାର ମାଂସ ସେବନ କରିବା ସକାଶେ ଆସି ନାହିଁ । ଆଜି ଯଦି ଆମେ ସେହି ବ୍ରହ୍ମଜ୍ଞାନ ପ୍ରାପ୍ତିର ରହସ୍ୟକୁ ବୁଝିନେବା ତେବେ ଦୁଆ ସ୍ୱୀକାର ହେବାର ନିଦର୍ଶନ ସ୍ୱୟଂ ଅବଲୋକନ କରିପାରିବା । ଆମେମାନେ ନିଜ ଜୀବନ କାଳରେ ହିଁ ବିଜୟର ଦୃଶ୍ୟ ପରିଲକ୍ଷିତ କରିବା ।

ନିଷ୍ପାପର ଧର୍ମପରାୟଣତା ଉତ୍ପନ୍ନ କରିବା ସକାଶେ ଇଦୁଲ୍ ଅଜ୍‌ହା ଅବସରରେ ଯେଉଁ ପଶୁବଳି ଦିଆଯାଏ ତାହା ଆର୍ଥିକ ସ୍ତରରେ ସ୍ୱଚ୍ଛଳ ପ୍ରତ୍ୟେକ ବ୍ୟକ୍ତିଙ୍କୁ କରିବା ଉଚିତ୍ । କାରଣ ଏହି ପ୍ରକାଶ୍ୟ ପଶୁବଳି ମଧ୍ୟ ସୁନ୍ନତରେ ଅନ୍ତର୍ଭୁକ୍ତ ।

ଅର୍ଥାତ ଇବ୍ରାହିମୀ ସୁନ୍ନତକୁ ଇସଲାମ ଧର୍ମ ଜାରି ରଖିଛି । ଯାହାକି ଇସଲାମର ପ୍ରାଣ ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସ.ଅ] ବିଧିବଦ୍ଧ ଭାବରେ ସର୍ବଦା ନିଜ ତରଫରୁ ଏବଂ ନିଜ ସମ୍ପ୍ରଦାୟର ଗରିବ ଶ୍ରେଣୀ ଲୋକମାନଙ୍କ ତରଫରୁ କରିଥିଲେ । ଅତଃ ଏହି ପ୍ରକାଶ୍ୟ ପଶୁବଳି ମଧ୍ୟ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ଏକ ମାଧ୍ୟମ ଏବଂ ଏତଦ୍ ଦ୍ୱାରା ମଧ୍ୟ ପ୍ରଭୁଙ୍କ ପ୍ରେମ ଲାଭ ହୋଇଥାଏ । କାରଣ ମନୁଷ୍ୟ ପ୍ରଭୁଙ୍କ ପ୍ରୀତି ଲାଭ କରିବା ସକାଶେ ହିଁ ତାଙ୍କ ସୃଷ୍ଟି (ଭକ୍ତ)ର ସେବା ସତ୍କାର କରିଥାଏ । ଅତଏବ ଏହି ସୂତ୍ର ପ୍ରକାଶ୍ୟ ପଶୁବଳି ଓ ପ୍ରକାଶ୍ୟ କାର୍ଯ୍ୟକଳାପ ଯାହାକି ଶରୀରର ହରକତ ଓ ଗତିବିଧି ଆତ୍ମା ଉପରେ ମଧ୍ୟ ପଡ଼ିଥାଏ । ଆର୍ଥିକ ସ୍ତରରେ ସ୍ୱଚ୍ଛଳ ବ୍ୟକ୍ତିମାନେ ଇଦ୍ ଅବସରରେ ଯେଉଁସ୍ଥଳେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଖୁବ୍ ଜାକଜମକରେ ଇଦ୍ ପାଳନ କରିଥାନ୍ତି । **ସେଠାରେ ତାଙ୍କୁ ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମଧ୍ୟ କିଛି ଦାନ କରିବା ଉଚିତ୍ ।** ଅଲ୍ଲାଃତାଲା ଆମମାନଙ୍କୁ ନିଜ ଅଭ୍ୟନ୍ତରରେ ଧର୍ମପରାୟଣ (ଭାବ) ଉତ୍ପନ୍ନ କରିବା ସହିତ ନିଜ ଅବସ୍ଥା ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଢ଼ାଳିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମେ କେବଳ ତାଙ୍କରି ହୋଇଯାଉ ଏବଂ ସେ ଆମକୁ ନିଜ ବିରୋଧିମାନଙ୍କ କବଳରୁ ମୁକ୍ତି ପ୍ରଦାନ କରନ୍ତୁ । ଆମ ବଳିଦାନକୁ ସେ ଗ୍ରହଣ କରନ୍ତୁ । ଯାହାଙ୍କୁ କୌଣସି କାରଣରୁ (ଏହି ବଳିଦାନ) କରିବାକୁ ସାମର୍ଥ୍ୟ ଲାଭ ହେଲା ନାହିଁ । ଅଲ୍ଲାଃତାଲା ତାଙ୍କୁ ମଧ୍ୟ ତାହାର ସୁଫଳ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଉପଦେଶ ଓ ମହତବାଣୀକୁ ବୁଝି ଆପଣଙ୍କ ଦାସତ୍ୱରେ ଆବିର୍ଭୁତ ମସିହ ଓ ମେହଦୀଙ୍କ ଆନୁଗତ୍ୟ ସ୍ୱୀକାର କରିନିଅନ୍ତୁ ।

ଯେଉଁ ଅହେମଦିମାନେ କେବଳ ଅଲ୍ଲାଃତାଲାଙ୍କ ସକାଶେ କାରାଗାରର ନିର୍ଯ୍ୟାତନା ସହ୍ୟ କରୁଛନ୍ତି । ତାଙ୍କର ଏହି ବଳିଦାନକୁ ମଧ୍ୟ ଅଲ୍ଲାଃ ସ୍ୱୀକାର କରନ୍ତୁ ଏବଂ ସେହି କଳା କୋଠରୀରୁ ତାଙ୍କ ମୁକ୍ତିର ପଥ ଉନ୍ମୁକ୍ତ କରିଦିଅନ୍ତୁ । ଶହିଦ୍‌ମାନଙ୍କ ପରିଜନମାନଙ୍କୁ ମଧ୍ୟ ପ୍ରଭୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଏବଂ ସେମାନଙ୍କୁ ନିଜ ସୃଷ୍ଟିକର୍ତ୍ତାଙ୍କ ସହିତ ନିଜ ସମ୍ପର୍କକୁ ଘନିଷ୍ଟ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ବିଶ୍ୱରେ ବିଭ୍ରାଟ, ବିଶୃଙ୍ଖଳା ଓ ଯୁଦ୍ଧ ଆଦି ଅପ୍ରୀତିକର ପରିସ୍ଥିତି ଦୂର ହେବା ପାଇଁ ମଧ୍ୟ ଦୁଆ କରିବେ । ପାକିସ୍ତାନୀ ଅହେମଦିମାନଙ୍କୁ ମଧ୍ୟ ବିଶେଷ ଭାବରେ ନିଜ ଦୁଆରେ ସ୍ମରଣ ରଖିବେ । ଅଲ୍ଲାଃତାଲା ତାଙ୍କ ଧନଜୀବନ ଓ ଆଶା ଅଭିଳାଷର ବଳିଦାନକୁ ଗ୍ରହଣ କରନ୍ତୁ । ବୁରକିନାଫାସୋ, ବଙ୍ଗଳାଦେଶ, ଉପଦ୍ୱୀପ ଓ ସମସ୍ତ ଜଗତର ଅହେମଦିମାନଙ୍କ ପାଇଁ ଦୁଆ କରିବେ । ଅଲ୍ଲାଃତାଲା ସମସ୍ତଙ୍କୁ ନିଜ ଦୟା ଓ ଅନୁକମ୍ପାର ଚଦରରେ ଢ଼ାଙ୍କି ରଖନ୍ତୁ । ପ୍ରତ୍ୟେକ ଅହେମଦି ହଜରତ ମୁହମ୍ମଦ [ସ.ଅ]ଙ୍କ ଧ୍ୱଜାକୁ ସମଗ୍ର ଜଗତରେ ଲହରେଇବା ଏବଂ ଏକେଶ୍ୱରବାଦକୁ ପରିବ୍ୟାପ୍ତ କରିବା ସକାଶେ ନିଜ ପ୍ରତିଜ୍ଞା ପୂରଣ କରିବା ପାଇଁ ସର୍ବଦା ସମସ୍ତ ପ୍ରକାର ତ୍ୟାଗ କରିବାକୁ ପ୍ରସ୍ତୁତ ରୁହନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ପରିଶେଷରେ ଅର୍ଥାତ ଖୁତ୍‌ବା ସାନିୟା ଓ ସାମୁହିକ ଦୁଆ କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆପଣମାନଙ୍କୁ ଓ ସମସ୍ତ ଅହେମଦିମାନଙ୍କୁ ଇଦ୍‌ର ଅଭିନନ୍ଦନ ଓ ଶୁଭେଚ୍ଛା । ସେଥିଅନ୍ତେ ହୁଜୁର ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାଃ ଓ୍ୱ ବରକାତହୁ କହି ପ୍ରସ୍ଥାନ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।